## ଦୋକାନକୁ ପାଡିଗଲା ହାଇୱା

ଚୌଦ୍ୱାର, (ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗା ବଜାରରେ ଥିବା ବହି ଦୋକାନ ଭିତରେ ରବିବାର ରାତି ୯ଟାରେ ଏକ ହାଇୱା ଭାରସାମ୍ୟ ହରାଇ ପଶିଯାଇଥିଲା। ଏଥିରେ ବ୍ୟବସାୟୀ ଜଣଙ୍କ ଅଳ୍ପକେ ରକ୍ଷା ପାଇ ଯାଇଥିବାବେଳେ ଦୋକାନର କିଛି କ୍ଷତି ହୋଇଥିବା ଜଣାପଡିଛି। ଏହାପରେ ଗାଡି ମାଲିକ ଓ ଘଟଣାସ୍ଥଳରେ ଥିବା କିଛି ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାନବାହାନ ଅଟକି ରହିଥିଲା। ଚୌଦ୍ୱାର ପୋଲିସ ପହଞ୍ଚି ହାଇୱାକୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି।

**ସଂକ୍ଷେପରେ**

### ସୁସ୍ଥ ହେଉଛନ୍ତି ମନୋଜ ଦାସ

ଭୁବନେଶ୍ୱର,୬।୧୨(ବ୍ୟୁରୋ)- ପ୍ରଖ୍ୟାତ ସାହିତ୍ୟିକ ତଥା ଲେଖକ ପଦ୍ମଭୂଷଣ ମନୋଜ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। ସେ ଏବେ ପଣ୍ଡିଚେରୀର ମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କଥାବାର୍ତ୍ତା କରୁଛନ୍ତି। ସାମାନ୍ୟ ଦୁର୍ବଳତା ରହିଥିଲେ ମଧ୍ୟ ଆଗ ଅପେକ୍ଷା କିନ୍ତୁ ଭଲ ଅଛନ୍ତି ବୋଲି ହସ୍ପିଟାଲରେ ମନୋଜ ଦାସଙ୍କ ପାଖରେ ଥିବା ତାଙ୍କ ପୁତୁରା ବୋହୂ ରଞ୍ଜିତା ଦାସ ସୂଚନା ଦେଇଛନ୍ତି। ମନୋଜ ଦାସ ଅସୁସ୍ଥ ହେବା ନେଇ କିଛିଦିନ ତଳେ ଖବର ଆସିଥିଲା। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଓ ହାତ ଭାଙ୍ଗିଯିବା ଯୋଗୁ ସେ ଗତ ୩ ମାସ ହେଲା ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି।

### ଜମି ଆଳରେ ୭୧ ଲକ୍ଷ ଠକେଇ : ଜଣେ ଗିରଫ

ଭୁବନେଶ୍ୱର,୬।୧୨(ବ୍ୟୁରୋ) - ରାଜଧାନରେ ଜମି ଯୋଗାଇ ଦେବାକୁ କହି ୭୧ ଲକ୍ଷ ଟଙ୍କା ଠକେଇ କରିଥିବା ଜଣେ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ଜିଲା ବଳିଆପଣ୍ଡା ଅଞ୍ଚଳର ଜୟକୃଷ୍ଣ ପଟ୍ଟନାୟକ। ପୋଲିସ ସୂଚନାମୁତାବକ, ପୁରୀର ହୋଟେଲ ବ୍ୟବସାୟୀ ଅମୀୟ ପଟ୍ଟନାୟକ ଭୁବନେଶ୍ୱର ପାତ୍ରପଡା ଅଞ୍ଚଳରେ ହୋଟେଲ ଖୋଲିବା ପାଇଁ ଜାଗା ଖୋଜୁଥିଲେ। ଅଭିଯୁକ୍ତ ଜୟକୃଷ୍ଣ ଓ ତାଙ୍କର ଜଣେ ସହଯୋଗୀ ଉକ୍ତ ଅଞ୍ଚଳରେ ଜମି ଦେବାକୁ କହି ୨୦୧୦ରେ ୭୧ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଜମି ଦେଇ ନ ଥିଲେ। ଅମୀୟ ଟଙ୍କା ଫେରାଇବାକୁ କହିବାରୁ ରାଜନୈତିକ ଚାପ ପକାଇ ଧମକ ଚମକ ଦେଇଥିଲେ। ଏ ନେଇ ୨୦୧୯ରେ ଅମୀୟଙ୍କ ଅଭିଯୋଗକ୍ରମେ ପୋଲିସ ୭୫/୧୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦୁଇ ଅଭିଯୁକ୍ତ ଥାନାକୁ ଆସି ୪୦ ଲକ୍ଷ ଟଙ୍କା ଫେରାଇବା ସହ ବାକି ଟଙ୍କା ପାଇଁ ସମୟ ନେଇଥିଲେ। ମାତ୍ର ସେମାନେ ଆଉ ଧରାଛୁଆଁ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ରବିବାର ପୋଲିସ ରୁପାଲି ଛକ ଅଞ୍ଚଳରୁ ଜୟକୃଷ୍ଣଙ୍କୁ ଗିରଫ କରିଥିଲା।

### କଟକ ଜିଲାରେ ନୂତନ ବିଜେଡି କର୍ମକର୍ତ୍ତା

କଟକ ଅଫିସ,୬।୧୨- କଟକ ଜିଲାରେ ବିଜୁ ଜନତା ଦଳର ବ୍ଲକ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାପତି ନିଯୁକ୍ତ ପ୍ରକ୍ରିୟା ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଯାଇଛି। ଆଠଗଡ ବ୍ଲକ ସଭାପତି ଭାବେ ରବୀନ୍ଦ୍ର ନାଥ ରାଉତ, ତିଗିରିଆ ବ୍ଲକ ସଭାପତି ଅଜିତ୍ ଧୀର, ଆଠଗଡ଼ ଏନ୍ଏସି ସଭାପତି ଶିଶିର ପ୍ରସାଦ ମାନସିଂହ, ବାଙ୍କୀ ବ୍ଲକ ସଭାପତି ଅନନ୍ତ ଚରଣ ଦାସ, ଡମପଡା ବ୍ଲକ ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ବାଙ୍କୀ ଏନ୍ଏସି ସଭାପତି ହରେକୃଷ୍ଣ ଦାସ, ଚୌଦ୍ୱାର ମ୍ୟୁନିସିପାଲିଟି ସଭାପତି ବିଷ୍ଣୁଚରଣ ପରିଡା, ମାହାଙ୍ଗା ବ୍ଲକ ସଭାପତି ରାଜକିଶୋର ଜେନା, ବାରଙ୍ଗ ବ୍ଲକ ସଭାପତି ଗୋଲକ ପାତ୍ର, ନିଶ୍ଚିନ୍ତକୋଇଲି ବ୍ଲକ ସଭାପତି ରମାକାନ୍ତ ମହାନ୍ତି, ନିଆଳି ବ୍ଲକ ସଭାପତି ତ୍ରିଲୋଚନ ମହାନ୍ତି, କଣ୍ଟାପଡା ବ୍ଲକ ସଭାପତି ପିୟୁସ ମିଶ୍ର, ସାଲେପୁର ବ୍ଲକ ସଭାପତି ଅନନ୍ତ ଚରଣ ପ୍ରଧାନ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଭାପତି ଭାବେ ଶ୍ରୀପତି ସାମଲ ନିଯୁକ୍ତ ହୋଇଛନ୍ତି ବୋଲି କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ରବିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ଓଡ଼ିଶା ବିକାଶରେ ରାଧାନାଥଙ୍କ ଭୂମିକା ଅତୁଳନୀୟ

ଚୌଦ୍ୱାର,୬।୧୨(ଡି.ଏନ୍.ଏ.): ବିଶିଷ୍ଟ ଜନନାୟକ, ଲୋକ ସେବକ ମଣ୍ଡଳର ପୂର୍ବତନ ସଭାପତି, ସମାଜର ପୂର୍ବତନ ସମ୍ପାଦକ ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ଜୟନ୍ତୀ ଚୌଦ୍ୱାର ପ୍ରେସକ୍ଲବ୍ ପରିସରରେ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖବରଦାତା ଗଙ୍ଗାଧର ସାହୁ, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଲକ୍ଷ୍ମୀଧର ଦାସ, ସୌରେନ୍ଦ୍ର ପଣ୍ଡା, ସନ୍ତୋଷ ଖୁଣ୍ଟିଆ, କେ.ସି.ପ୍ରତାପସିଂହ, ସୁଶାନ୍ତ ନାୟକ, ଅନୀତା ଭୂୟାଁ, ଖବରକାଗଜ ବିତରକ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ କହିଥିଲେ, ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ରାଧାନାଥଙ୍କ ଭୂମିକା ଅତୁଳନୀୟ ଥିଲା। ସାମ୍ବାଦିକ ରମେଶ ଚନ୍ଦ୍ର ସାମଲ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ପୁରୀ ସହରରେ ପଶିଲା ବାର୍‌ହା, ୬ ଆହତ

- ୨ ସଫେଇ କର୍ମଚାରୀ ଗୁରୁତର
- କାବୁ ପାଇଁ ଜଗିଛି ବନ ବିଭାଗ ଟିମ୍

ପୁରୀ ଅଫିସ, ୬।୧୨



ସିସିଟିଭି ଫୁଟେଜ୍‌ରେ ବାର୍‌ହା।

ପୁରୀରେ ରବିବାର ବାର୍‌ହା ଆକ୍ରମଣରେ ୬ଜଣ ଆହତ ହୋଇଛନ୍ତି। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଆହତଙ୍କ ମଧ୍ୟରୁ ୨ଜଣ ମହିଳା ସଫେଇ କର୍ମଚାରୀଙ୍କ ଅବସ୍ଥା ଗୁରୁତର ରହିଛି। ଏମାନେ ହେଲେ ବାଲିସାହି ସାରଦା ସାହି ବସ୍ତିର ଉର୍ମିଳା ନାୟକ ଓ ରୋହିଣୀ ନାୟକ। ସ୍ୱର୍ଗଦ୍ୱାର ଅଞ୍ଚଳରେ ଭାରତ ସେବା ସଂଘ ସ୍କୁଲ ପାଖରେ ଦୁହେଁ କାର୍ଯ୍ୟରତ ଥିବାବେଳେ ଏକ ବାର୍‌ହା ସେମାନଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ଉଭୟଙ୍କୁ ଜଣେ ବୃଦ୍ଧ ବଞ୍ଚାଇବାକୁ ଚେଷ୍ଟା କରି ଆହତ ହୋଇଛନ୍ତି। ଉର୍ମିଳା ଓ ରୋହିଣୀଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣସ୍ଥଳର ଏକ ସିସିଟିଭି ଫୁଟେଜ ଭାଇରାଲ ହୋଇଛି। ବାର୍‌ହା ଦୌଡୁଥିବା ଏଥିରେ ଦେଖିବାକୁ ମିଳିଛି। ସେହିପରି ପ୍ରାତଃ ଭ୍ରମଣରେ ବାହାରିଥିବା ୪ଜଣ ମଧ୍ୟ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। ଏହାକୁ ନେଇ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗର ଏକ ଟିମ୍ ପହଞ୍ଚି ବାର୍‌ହାକୁ କାବୁ କରିବା ପାଇଁ ଲାଗିପଡ଼ିଛି। ପୁରୀ ଟାଉନ ଫରେଷ୍ଟର ସ୍ୱପ୍ନେଶ୍ୱର ଜାଲ୍ କହିଛନ୍ତି, ରେଞ୍ଜର ରଜତ୍ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ବଳିଆପଣ୍ଡା, ଲୋକନାଥ ସାହି, ଷ୍ଟର୍ଲିନ ଆଦି ଅଞ୍ଚଳ ବୁଲିଛନ୍ତି। ବାଲିସାହି ଜାଗା ଆଖଡ଼ା ଘର ନିକଟସ୍ଥ ଜଙ୍ଗଲରେ ବାର୍‌ହାଟି ଲୁଚି ରହିଥିବାବେଳେ ଖାଦ୍ୟ ସଂଗ୍ରହ ପାଇଁ ବାହାରିଲେ ତାକୁ ଠାବ କରାଯାଇ ଯନ୍ତା ବସାଯିବ। ତାକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ବ୍ରହ୍ମଗିରି ବ୍ୟତୀତ ପ୍ରଥମ ଥର ଲାଗି ପୁରୀରେ ବାର୍‌ହା ଦେଖିବାକୁ ମିଳିଥିବା ଜାଲ୍ କହିଛନ୍ତି।

# ବାଇକ୍ ଚାଳକଙ୍କୁ ସଚେତନ କଲା ପୋଲିସ



କଟକ ଅଫିସ, ୬।୧୨

ଦୁଇ ଚକିଆ ଯାନ ଚଳାଉଥିବା ଏବଂ ପଛରେ ବସିଥିବା ବ୍ୟକ୍ତିଙ୍କ ପାଇଁ ହେଲ୍‌ମେଟ୍ ବାଧ୍ୟତାମୂଳକ କରାଯାଇଛି। ପଛରେ ବସିଥିବା ବ୍ୟକ୍ତି ଯଦି ହେଲ୍‌ମେଟ୍ ପିନ୍ଧି ନ ଥିବେ ତେବେ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବା ସହ ଜରିମାନା ଦେବାକୁ ପଡିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ତେବେ ରବିବାର ପୋଲିସ ପକ୍ଷରୁ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। କଟକ ନେତାଜୀ ସେତୁ ରିଂବନ୍ଧ ରାସ୍ତାରେ ବାଇକ୍ ଚାଳକଙ୍କ ସମେତ ପଛରେ ବସିଥିବା ଲୋକ ହେଲମେଟ୍ ପିନ୍ଧିବା ଓ କାର୍ ଚାଳକମାନେ ସିଟ୍ ବେଲ୍ଟ ପିନ୍ଧିବା ପାଇଁ ପୋଲିସ ବୁଝାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କଟକ ଡିସିପି ପ୍ରତୀକ୍ ସିଂ କହିଛନ୍ତି, ଆସନ୍ତା ଜାନୁୟାରୀଠାରୁ ଏହି ନିୟମ କଡାକଡି ଭାବେ ପାଳନ କରାଯିବ। ଗାଡି ଚାଳକମାନେ ଏହି ନିୟମକୁ ମାନିବା ସହ ପୋଲିସକୁ ଯାଞ୍ଚ କାର୍ଯ୍ୟରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

# ଅନ୍‌ଲାଇନ୍‌ରେ ଅନନ୍ତବାସୁଦେବଙ୍କ ଅବଢ଼ା ବିକ୍ରି ଅଭିଯୋଗ

**ଥାନାର ଦ୍ୱାରସ୍ଥ ହେଲା ବ୍ରାହ୍ମଣ ନିଯୋଗ ସମିତି**

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ଅନ୍‌ଲାଇନରେ ଲିଙ୍ଗରାଜ ଓ ଅନନ୍ତ ବାସୁଦେବଙ୍କ ଅବଢ଼ା ବିକ୍ରିକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ଏକାଧିକ ସଂସ୍ଥା ନାମରେ ବ୍ରାହ୍ମଣ ନିଯୋଗ ସମିତି ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛି। ପୋଲିସ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ତଦନ୍ତ ଆରମ୍ଭ କରିଛି। ନିଯୋଗ ଅଭିଯୋଗ କରିଛି ଯେ, ଅନ୍‌ଲାଇନ୍‌ରେ ଅବଢ଼ା ବିକ୍ରି କରିବା ଓ ଘରକୁ ଘର ଯୋଗାଇବା ଦ୍ୱାରା ପ୍ରସାଦର ଅସମ୍ମାନ ହେଉଛି। ଅବଢ଼ାର ପବିତ୍ରତା ପ୍ରତି ଏହା କୁଠାରାଘାତ କରୁଥିବା ସମ୍ପୃକ୍ତ ସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ନିଯୋଗ। ତେବେ ଏ ନେଇ ପୋଲିସ କହିଛି ଯେ, ମାର୍ଚ୍ଚ ପରଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅନ୍ନପ୍ରସାଦ ମନ୍ଦିର ବାହାରକୁ ଆସୁନାହିଁ। କିନ୍ତୁ ଅନନ୍ତ ବାସୁଦେବଙ୍କଙ୍କ ପ୍ରସାଦ ପ୍ରତିଦିନ ପ୍ରସ୍ତୁତ ହୋଇ ମନ୍ଦିର ନିକଟରେ ବିକ୍ରି କରାଯାଉଛି। ତେବେ ଏହାକୁ ବିକ୍ରି କରୁଥିବା ଏକ ସଂସ୍ଥାର କର୍ମକର୍ତ୍ତା କହିଛନ୍ତି, ଲିଙ୍ଗରାଜଙ୍କ ପ୍ରସାଦ ଉପଲବ୍ଧ ହେଉ ନ ଥିବାବେଳେ କେବଳ ଅନନ୍ତ ବାସୁଦେବଙ୍କ ପ୍ରସାଦ ଉପଲବ୍ଧ ହେଉଛି। ଗାନ୍ଧୀ ଗରାବଡୁଙ୍କଠାରୁ ଅନନ୍ତ ବାସୁଦେବଙ୍କ ପ୍ରସାଦ କିଣିବା ପରେ ଲୋକଙ୍କ ଘରେ କେବଳ ଗାଡି ଭଡ଼ା ଖର୍ଚ୍ଚ ନେଇ ପହଞ୍ଚାଇ ଦିଆଯାଉଛି।

## ୯୭ ହଜାର ଠକିନେଲେ ନକଲି ସାମ୍ବାଦିକ

ଭୁବନେଶ୍ୱର,୬।୧୨(ବ୍ୟୁରୋ)

କେତେବେଳେ ଟାଇମ୍ସ ଅଫ ଇଣ୍ଡିଆର ପ୍ରତିନିଧି ତ ଆଉ କାହାକୁ ଡିଡି ନ୍ୟାଶନାଲ୍‌ର ନ୍ୟୁଜ୍ ହେଡ୍ ପରିଚୟ ଦେଇ ଠକୁଥିଲେ। ଏକ ୱେବ୍ ଚ୍ୟାନେଲ୍ କରାଇ ଦେବାକୁ କହି ଜଣେ ଯୁବତୀଙ୍କଠାରୁ ୯୭ ହଜାର ଟଙ୍କା ଠକିନେଇଥିବା ଜଣେ ନକଲି ସାମ୍ବାଦିକଙ୍କୁ ଏୟାରପୋର୍ଟ ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ବମିଖାଲ ଅଞ୍ଚଳର ରିଙ୍କନ୍ ନାରାୟଣ(୩୨)। ଅଭିଯୋଗ ଅନୁଯାୟୀ, ନିୟୁ ଏୟାରପୋର୍ଟ ରୋଡ୍ ଅଞ୍ଚଳରେ ସାଇଜ୍ୟୋତି ନାୟକ(୨୧) ରୁହନ୍ତି। କିଛି ମାସ ତଳେ ସେ ଓ ତାଙ୍କ ମାଆଙ୍କ ସହ ରିଙ୍କନଙ୍କର ପରିଚୟ ହୋଇଥିଲା। ରିଙ୍କନ ନିଜକୁ ଡିଡି ନ୍ୟାଶନାଲ୍‌ର ନ୍ୟୁଜ୍ ହେଡ୍ ଭାବେ କାର୍ଯ୍ୟ କରୁଥିବା କହିଥିଲେ। ପରେ ନିଜର ଏକ ୱେବ୍ ଚ୍ୟାନେଲ୍ ଖୋଲିବା ନେଇ ସାଇଜ୍ୟୋତି ରିଙ୍କନଙ୍କୁ କହିଥିଲେ। ଏହି ସୁଯୋଗରେ ରିଙ୍କନ ତାଙ୍କୁ ୱେବ୍ ଚ୍ୟାନେଲ ଖୋଲାଇ ଦେବା ଲୋଭ ଦେଖାଇଥିଲେ। ଏ ବାବଦରେ ରିଙ୍କନ ଲକ୍ଷେ ଟଙ୍କା ନେବେ ବୋଲି କହିଥିଲେ। କିନ୍ତୁ ସାଇଜ୍ୟୋତି ତାଙ୍କୁ ୯୭ ହଜାର ଟଙ୍କା ଦେଇଥିଲେ। ତେବେ ଟଙ୍କା ନେବାର ୪ ମାସ ବିତି ଯାଇଥିଲେ ମଧ୍ୟ ରିଙ୍କନ କୌଣସି ଚ୍ୟାନେଲ୍ ଖୋଲାଇ ନ ଥିଲେ। ଠକାମିର ଶୀକାର ହୋଇଥିବା ଜାଣି ପାରି ସେମାନେ ରିଙ୍କନଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ରିଙ୍କନ୍ ଧରାଛୁଆଁ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ପରବର୍ତ୍ତୀ ସମୟରେ ସାଇଜ୍ୟୋତି ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୩୭/୨୦) ରୁଜୁ କରିଥିଲା।


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସ୍ତ୍ରୀ ସୁଶିଳା ଦେବୀଙ୍କ ଏକାଦଶାହ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ବାୟାବାବା ମଠକୁ ତାଙ୍କ ବଡ଼ପୁଅ ମନିଷ ସିଙ୍ଘଲ ଗୋ ଦାନ କରୁଛନ୍ତି।

# ସରକାରୀ ନିଷ୍ପତ୍ତିରେ ବୟସ୍କ ଚାଷୀ ଅସନ୍ତୁଷ୍ଟ

**ଧାନମଣ୍ଡିରେ ବାୟୋମେଟ୍ରିକ ଛାପ ବାଧ୍ୟତାମୂଳକ**

କଟକ ସଦର, ୬।୧୨(ଡି.ଏନ୍.ଏ.)

କଟକ ଜିଲାର ବିଭିନ୍ନ ବ୍ଲକରେ ଆସନ୍ତା ୨୩ରେ ସମବାୟ ସମିତି ଦ୍ୱାରା ପରିଚାଳିତ ଧାନମଣ୍ଡି ଖୋଲିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। ଏଥିରେ ମୋଟ୍ ୬୨,୨୯୮ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧାନ ବିକ୍ରି ପରେ ଚାଷୀଙ୍କ ବାୟୋମେଟ୍ରିକ ଛାପ ସଂଗ୍ରହ ବାଧ୍ୟତାମୂଳକ କରାଯାଇଛି। ସେଥିପାଇଁ ଚାଷୀଙ୍କୁ ମଣ୍ଡିକୁ ଆସିବାକୁ ପଡିବ। ଏହି ନିୟମ ପାଇଁ ଜିଲାର ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଅନେକ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାରଣ କରୋନାକୁ ଦୃଷ୍ଟିରେ ରଖି ସରକାର ବରିଷ୍ଠ ନାଗରିକମାନଙ୍କୁ ଘରେ ରହି ସବୁକିଛି କରିବା ପାଇଁ ସତର୍କ କରିଛନ୍ତି। ଏଭଳି ପରିସ୍ଥିତିରେ ବୟସ୍କ ଚାଷୀଙ୍କ ପାଇଁ ଅଫ୍ ଲାଇନ୍‌ରେ ଧାନ ବିକ୍ରିକୁ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଭାଜପା ସମବାୟ ପର୍ଯ୍ୟବେକ୍ଷକ ବିଜୟ କୁମାର ରାଉତରାୟ କହିଛନ୍ତି। ବ୍ୟାଙ୍କ ଆକାଉଣ୍ଟକୁ ବିକ୍ରି ଲବ୍ଧ ଅର୍ଥ ଆସିବାକୁ ଥିବାରୁ ବାୟୋମେଟ୍ରିକ ଛାପ ନେବା ନିୟମକୁ ସହାନୁଭୂତିର ସହ କୋହଳ କରିବା ପାଇଁ କଟକ ସଦର ବ୍ଲକ ଆୟଉପୁର ପଞ୍ଚାୟତ ସମିତିସଭ୍ୟ ଗୋକୁଳ ଚନ୍ଦ୍ର ପ୍ରଧାନ ଦାବି କରିଛନ୍ତି। ମଣ୍ଡିରେ ସାମାଜିକ ଦୂରତା ସହ ଯେତେ ସତର୍କତା ଅବଲମ୍ବନ କରାଗଲେ ମଧ୍ୟ ବୟସ୍କ ବ୍ୟକ୍ତି ଆଦୌ ସୁରକ୍ଷିତ ନୁହଁନ୍ତି। ସେଥିପାଇଁ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାର କାର୍ଡଧାରୀମାନେ ୮ ମାସ ହେବ ଆଉ ପଏଣ୍ଟ ଅଫ ସେଲ୍ ମେଶିନରେ ବାୟୋମେଟ୍ରିକ ଛାପ ନ ଦେଇ ଖାଦ୍ୟ ନେଉଛନ୍ତି। ଏଥିପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ ବ୍ୟାପାର ବିଭାଗ କରୋନାକୁ ଦୃଷ୍ଟିରେ ରଖି ସାମୟିକ ଭାବେ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗୁ କରିଛନ୍ତି। ସେହିପରି ଧାନ ବିକ୍ରି କ୍ଷେତ୍ରରେ ବିଚାରକୁ ନିଆଯାଇପାରେ ବୋଲି କମରପଦା ଗ୍ରାମର ବୁଦ୍ଧିଆ ପ୍ରଧାନ କହିଛନ୍ତି। ନୀତିର ପୁନଃ ସମୀକ୍ଷା ଲାଗି ଦାବି ହେଉଛି। ତେବେ ରାଜ୍ୟସ୍ତରୀୟ ନୀତି ନିର୍ଦ୍ଧାରଣ କମିଟି ଏହା ଉପରେ ନିଷ୍ପତ୍ତି ନେବା ପାଇଁ କ୍ଷମତାପ୍ରାପ୍ତ ବୋଲି କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ କହିଛନ୍ତି।

# ଓଡ଼ିଶାର ଉପକୂଳୀୟ ପରିସଂସ୍ଥା ଚାପର ସମ୍ମୁଖୀନ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଉପକୂଳବର୍ତ୍ତୀ ୬ଟି ଜିଲାରେ ରାଜ୍ୟର ସମୁଦାୟ ଜନସଂଖ୍ୟାର ୩୬% ଓ ସହରାଞ୍ଚଳର ୪୩% ବସବାସ କରନ୍ତି। ମାତ୍ର ଅସହନୀୟ ମାର୍ଗରେ ବିକାଶମୂଳକ କାର୍ଯ୍ୟକ୍ରମ ଚାଲୁ ରହିଥିବାରୁ ପରିବେଶର ଅବନତି ବୃଦ୍ଧି ପାଇବାରେ ଲାଗିଛି। ଏହା ଉପକୂଳ ପରିସଂସ୍ଥା ଉପରେ କ୍ଷତିକାରକ ପ୍ରଭାବ ବିସ୍ତାର କରୁଛି। ତେଣୁ ପରିସଂସ୍ଥା ସବୁକୁ ସୁରକ୍ଷା ପ୍ରଦାନ କରିବା ଏବଂ ସେସବୁ ଉତ୍ସରୁ ଦ୍ରବ୍ୟ ଓ ସେବା ମାଧ୍ୟମରେ ଲାଭ ପ୍ରବାହକୁ ଜାରି ରଖିବା ପାଇଁ ଉପକୂଳ ଅଞ୍ଚଳ ପରିଚାଳନାରେ ଏକ ପରିସଂସ୍ଥୀୟ ଆଭିମୁଖ୍ୟ ଗ୍ରହଣ କରାଯିବା ଆବଶ୍ୟକ। ରବିବାର ଓଡ଼ିଶା ପରିବେଶ ସମିତି ପକ୍ଷରୁ 'ଓଡ଼ିଶାର ଉପକୂଳୀୟ ପରିସଂସ୍ଥା: ମାନବ ପ୍ରଭାବ ଏବଂ ପରିବର୍ତ୍ତିତ ପରିସ୍ଥିତି' ଉପରେ ଆୟୋଜିତ ୱେବିନାରରେ ଏହି ମତପ୍ରକାଶ ପାଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟର ଭୂଗୋଳ ଏମିରେଟସ୍ ପ୍ରଫେସର ଡ. ଗୋପାଳ କୃଷ୍ଣ ପଣ୍ଡା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ବିପଦ ଏବଂ ଓଡ଼ିଶାର ଉପକୂଳ ଅଞ୍ଚଳ ପରିଚାଳନା ଉପରେ ଏହାର ପ୍ରଭାବ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସରକାରଙ୍କ ମହାକାଶ ପ୍ରୟୋଗ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ପ୍ରସନ୍ନ କୁମାର 'ଓଡ଼ିଶାର ଉପକୂଳ ଆର୍ଦ୍ରଭୂମି ସମ୍ବଳ ଏବଂ ସେଗୁଡ଼ିକର ପରିଚାଳନା' ବିଷୟରେ କହିଥିଲେ। ଆର୍ଦ୍ରଭୂମିର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ, ମୂଲ୍ୟ ଏବଂ ଗୁଣ ବିଷୟରେ ବର୍ଣ୍ଣନା କରିବା ସହ ସିଆର୍‌ଜେଡ୍ ନିୟମାବଳୀ-୨୦୧୯ର ପାଳନ ତଥା ସମନ୍ୱିତ ଆର୍ଦ୍ରଭୂମି ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଭବିଷ୍ୟତରେ ଯଦି ସମୁଦ୍ର ପତ୍ତନ ବୃଦ୍ଧି ଅଧା ମିଟର ଅଧିକ ହେବ, ତେବେ ରାଜ୍ୟର ୯୨୭ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଆର୍ଦ୍ରଭୂମି ଅଞ୍ଚଳ ସମୁଦ୍ରରେ ଲୀନ ହୋଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ଓଇଏସ୍‌ର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ବିଷୟବସ୍ତୁର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଉପସଭାପତି ଡ. ଲାଲା ଏ.କେ. ସିଂହ ଅତିଥି ପରିଚୟ ଦେଇଥିଲେ।

## ମରଣାନ୍ତକ ଆକ୍ରମଣ କରି ଭିଣୋଇ ଜେଲ୍ ଗଲେ

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର କାଳୁ ବାରିକ(୩୨)। କାଳୁ ତାଙ୍କ ଶାଳକ ରଞ୍ଜନ ବାରିକଙ୍କୁ ଏକ ଭଙ୍ଗା କାଚ ଗ୍ଲାସ୍‌ରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୮୧୪/୨୦) ରୁଜୁ କରି ଅଭିଯୁକ୍ତ କାଳୁଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି।

# ଆନ୍ତଃରାଜ୍ୟ ଗଞ୍ଜେଇ ର୍‌ୟାକେଟ ଠାବ

**୩ କୁଇଣ୍ଟାଲ ଗଞ୍ଜେଇ ଜବତ, ମୁଖ୍ୟ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ରାୟଗଡା ଜିଲା ଅନ୍ତର୍ଗତ ରାଜ୍ୟ ରାଜପଥ ନଂ.୩୨୬ର ଲିମାମୋଡ ଓଭରବ୍ରିଜ୍ ନିକଟରେ ଚଢ଼ାଉ କରି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୩.୨ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିସହ ଗଞ୍ଜେଇ ଚୋରା ଚାଲାଣର ଆନ୍ତଃରାଜ୍ୟ ର୍‌ୟାକେଟକୁ ଠାବ କରିଛି। ର୍‌ୟାକେଟର ମାଷ୍ଟରମାଇଣ୍ଡ ରାୟଗଡ଼ା ଜିଲା ପୁଟାଶିଙ୍ଗ ଥାନା ଅଞ୍ଚଳର ଆପ୍ପୁବ ସବରଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ବହୁ କାଗଜପତ୍ର ଜବତ କରାଯାଇଛି। ଆପ୍ପୁବ ରାୟଗଡାରୁ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ଆଦି ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରନ୍ତି। ଏ ସଂକ୍ରାନ୍ତରେ ଖବର ପାଇବା ପରେ ରବିବାର ଭୋର୍ ସାଢେ ୫ଟାବେଳେ ଏସ୍‌ଟିଏଫର ସ୍ୱତନ୍ତ୍ର ଟିମ୍ ଲିମାମୋଡ ଓଭର ବ୍ରିଜ ନିକଟରେ ଚଢାଉ କରିଥିଲା। ତେବେ ଘଟଣାସ୍ଥଳରୁ ଆପ୍ପୁବଙ୍କ

# ୪ ମେଗା ପାଣି ପ୍ରକଳ୍ପ ଉଦ୍‌ଘାଟିତ



ମାହାଙ୍ଗା,୬।୧୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅରିଲୋ, ସାହାପୁର, ବେନୁପୁରା ଓ ସାତୋରାଠାରେ ବସୁଧା ଯୋଜନାରେ ୪ ମେଗା ପାନୀୟଜଳ ପ୍ରକଳ୍ପକୁ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ସାହାପୁର ଏବଂ ଅରିଲୋ ଗାଁ ପାଇଁ ୨ କୋଟି ୬୦ ଲକ୍ଷ, ବେନୁପୁରା ଗାଁ ପାଇଁ ୭୩.୫୦ ଲକ୍ଷ ଏବଂ ସାତୋରା ଗାଁ ପାଇଁ ୪୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଉପାଧ୍ୟକ୍ଷା ରସିଦା ବେଗମ୍, ବ୍ଲକ ବିଜେଡି ସଭାପତି ରାକିଶୋର ଜେନା, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ପୂର୍ବତନ ବ୍ଲକ ଚେୟାରମ୍ୟାନ ଭିକାରୀ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# କମ୍ପାନୀ ମାଲିକଙ୍କ ୨ ବନ୍ଧୁ ଗିରଫ

**କନ୍‌ଷ୍ଟ୍ରକ୍ସନ କମ୍ପାନୀରୁ ୧୮ କୋଟି ଠକେଇ ଘଟଣା**

ଭୁବନେଶ୍ୱର,୬।୧୨(ବ୍ୟୁରୋ)



ଗିରଫ ଦୁଇ ଅଭିଯୁକ୍ତ।

ଜାଲ୍ କାଗଜପତ୍ର ଓ ଦସ୍ତଖତ ମାଧ୍ୟମରେ ଜଗନ୍ନାଥଧାମ ସୁପର ଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍‌ରୁ ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ରବିବାର ନୟାପଲ୍ଲୀ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କମ୍ପାନୀର ମାଲିକ ତଥା ନିର୍ଦ୍ଦେଶକ ନନ୍ଦକିଶୋର ବେହେରାଙ୍କ ଘନିଷ୍ଠ ବନ୍ଧୁ ବ୍ରହ୍ମପୁର ଛେତ୍ରୀର ପ୍ରଭାସ ଚନ୍ଦ୍ର ମିଶ୍ର ଓ କଟକ ଆଠଗଡ଼ ପିତିରିର ରୁଦ୍ର ଦାଶ। ପୋଲିସ ଉଭୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ପ୍ରତୀପ କର ଓ ଲୋକନାଥ ସୂର୍ଯ୍ୟନାରାୟଣ ମିଶ୍ର ଏବେ ମଧ୍ୟ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ଅଧିକ ତଦନ୍ତ କରୁଥିବା ନେଇ ନୟାପଲ୍ଲୀ ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି। ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ଉକ୍ତ କନ୍‌ଷ୍ଟ୍ରକ୍ସନ ସଂସ୍ଥା ରହିଛି। ନିର୍ଦ୍ଦେଶକ ନନ୍ଦକିଶୋର ତାଙ୍କର ୪ଜଣଙ୍କ ବନ୍ଧୁଙ୍କୁ କମ୍ପାନୀର ସବୁକିଛି ବୁଝାଶୁଝା ଦାୟିତ୍ୱ ଦେଇଥିଲେ। ହେଲେ ସେମାନେ ନନ୍ଦକିଶୋର ଓ ପରିଚାଳନା ନିର୍ଦ୍ଦେଶକ ଥିବା ତାଙ୍କ ସ୍ତ୍ରୀଙ୍କ ଦସ୍ତଖତ ସହ ନିଜକୁ କମ୍ପାନୀର ପାର୍ଟନର ଭାବେ ଜାଲ୍ କାଗଜପତ୍ର କରି ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ୧୮ କୋଟି ୩୧ ଲକ୍ଷ ୪୮ ହଜାର ଟଙ୍କା ଉଠାଇ ନେଇଥିଲେ। ଏ ସଂକ୍ରାନ୍ତରେ ନନ୍ଦକିଶୋର ଜୁନ୍ ୨୯ରେ ଥାନାରେ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ତାହାକୁ ଗ୍ରହଣ କରି ନ ଥିଲା। ଶେଷରେ ବାଧ୍ୟହୋଇ ନନ୍ଦକିଶୋର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ ମଧ୍ୟ ପରେ ଅଣ୍ଡରଟେକିଂରେ ଛାଡ଼ି ଦେଇଥିଲା। ଫଳରେ ସମସ୍ତ ଅଭିଯୁକ୍ତ ଫେରାର ହୋଇଯିବାକୁ ସମୟ ପାଇଥିଲେ। ତେବେ ଅଭିଯୋଗର ୩ ମାସ ପରେ ପୋଲିସ ଶନିବାର ଫେରାର ଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣଙ୍କୁ ଥାନାକୁ ଉଠାଇ ଆଣି ଗିରଫ କରିଛି। ପୋଲିସର ଏପରି କାର୍ଯ୍ୟଧାରାକୁ ନେଇ ମଧ୍ୟ ନାନା ପ୍ରଶ୍ନ ଉଠୁଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୭ ଡିସେମ୍ବର, ୨୦୨୦



## ସାମାଜିକ ସମରସତ୍ତା ଦିବସ

**ଖୋର୍ଦ୍ଧା ଅଫିସ:** ଏବିଭିପି ଖୋର୍ଦ୍ଧା ନଗର ଶାଖା ପକ୍ଷରୁ ରବିବାର ସାମାଜିକ ସମରସତ୍ତା ଦିବସ ତଥା ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ପୁଣ୍ୟତିଥି ପାଳନ କରାଯାଇଛି। ନଗର ସମ୍ପାଦକ ଲଳିତ ମୋହନ ବଡ଼ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିଭିପିର ରାଜ୍ୟ ସହସମ୍ପାଦିକା କବିତା କହଁର ଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ସମାନତା ବା ସମସ୍ତଙ୍କ ପ୍ରତି ସମାନଭାବ ନୀତି ଉପରେ ଆଲୋକପାତ କରିଥିଲେ। ଲିପ୍ସା ପ୍ରଧାନ, ତୃପ୍ତିମୟୀ ସେଠୀ, ବର୍ଷାରାଣୀ ପୃଷ୍ଟି, ଦୀପ୍ତିମୟୀ ପ୍ରତିହାରୀ, ଲକ୍ଷ୍ମୀପ୍ରିୟା ସାହୁ, ଗୋପବନ୍ଧୁ ଜେନା, ପ୍ରଦୀପ କୁମାର ସ୍ୱାଇଁ, ପ୍ରଭାତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ

**ପୁରୀ ଅଫିସ/ବ୍ରହ୍ମଗିରି (ଡି.ଏନ.ଏ), ୬।୧୨:** ଜୟୀ ରାଜଗୁରୁଙ୍କ ୨୧୪ତମ ବଳିଦାନ ଦିବସ ତାଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁରଠାରେ ରବିବାର ପାଳିତ ହୋଇଯାଇଛି। ଗୋପୀନାଥ ଦେବସ୍ଥାନ ସମିତି ଓ ଜୟୀ ରାଜଗୁରୁ ପରିଷଦର ମିଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ଯୋଗଦେଇଥିଲେ। ରାଣୀତଲାବ ପୁଷ୍କରିଣୀରେ ତିଳତର୍ପଣ ସହିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଦୋଳବେଦିଠାରେ ଚାରାରୋପଣ କରାଯାଇଥିଲା। ଅପରାହ୍ନରେ ହରେକୃଷ୍ଣପୁର ବଜାରସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଉପସ୍ଥିତ ଥିଲେ। ମୁକ୍ତିମଣ୍ଡପ ପଣ୍ଡିତ ସଭା ତରଫରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ବଟମହାବୀର ମନ୍ଦିର ପ୍ରାଙ୍ଗଣରେ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥିରେ ପରିଷଦର ସ୍ଥାୟୀ ସଭାପତି କାଶୀନାଥ ନାୟକଙ୍କ ସଭିପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗବେଷକ ନୀଳମଣି ସୁଆର ଯୋଗଦେଇ ଜୟୀ ରାଜଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପର୍ଶୁରାମ ପାତ୍ର, ପ୍ରଦୀପ୍ତ ନାୟକ, ଦିଲୀପ ବଳିୟାରସିଂ, ପ୍ରିୟପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ

**ଜଟଣୀ, ୬।୧୨(ଡି.ଏନ.ଏ):** ଜଟଣୀ ଗାନ୍ଧୀନଗରଠାରେ ରବିବାର ଉତ୍କଳ ଦଳିତ ସଙ୍ଗଠନ ପକ୍ଷରୁ ବାବା ସାହେବ ଡ. ବି. ଆର୍. ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଆଇନ୍‌ଜୀବୀ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଅନ୍ୟ କର୍ମକର୍ତ୍ତାମାନେ ବାବା ସାହେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ମଦ ଜବତ: ଜଣେ ଗିରଫ

**ଡେଲାଙ୍ଗ, ୬।୧୨(ଡି.ଏନ୍.ଏ):** ଡେଲାଙ୍ଗ ପୋଲିସ ୧୦ ଲିଟର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଡେଲାଙ୍ଗ ହାଟ ଫାଣ୍ଡି ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଘୋରଡିଆ ବଜାରରେ ମଦ ବିକ୍ରି ନେଇ ଖବର ପାଇ ଚଢ଼ାଉ କରି ଜୋରକଣି ଗ୍ରାମର ପ୍ରଶାନ୍ତ ସାମନ୍ତରାୟଙ୍କୁ ଗିରଫ କରିଥିଲା। ଏ ନେଇ କେସ୍ ନଂ. ୨୨୨/୨୦ ରୁଜୁ ହୋଇଛି।

## ଶ୍ମଶାନ ସଫେଇ

**ପିପିଲି,୬।୧୨(ଡି.ଏନ୍.ଏ.):** ପିପିଲି ବଜାରର ପ୍ରବେଶ ପଥରେ ଥିବା ଶ୍ମଶାନ ଆବର୍ଜନାପୂର୍ଣ୍ଣ ଥିବାବେଳେ ପିପିଲି ବିକାଶ ମଞ୍ଚ ଓ ସଚେତନ ନାଗରିକ ମଞ୍ଚର ମିଳିତ ସହଯୋଗରେ ରବିବାର ସଫେଇ କରାଯାଇଛି। ୨ମଞ୍ଚର କର୍ମକର୍ତ୍ତାମାନେ ଶ୍ମଶାନକୁ ସଫା କରିବା ସହ ସ୍ଥାନୀୟ ରାସ୍ତାକୁ ମରାମତି କରିଥିଲେ। ସେଠାରେ ଆଲୋକୀକରଣ କରାଯିବା ପାଇଁ ମଞ୍ଚ ପକ୍ଷରୁ ରମେଶ ଚନ୍ଦ୍ର ଶତପଥୀ, ରମେଶ ମହାପାତ୍ର, ଧନେଶ୍ୱର ମିଶ୍ର, ରମାକାନ୍ତ ନାୟକ ରାମଚନ୍ଦ୍ର ଦାସ ଏବଂ ସୁରେଶ ରଥ ପ୍ରମୁଖ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯିବ ବୋଲି ସ୍ଥିର କରାଯାଇଛି।

## ବିଜେଡି ନେତାଙ୍କ ସ୍ମୃତି ସଭା

**ନିମାପଡ଼ା,୬।୧୨(ଡି.ଏନ୍.ଏ.):** ନିମାପଡ଼ା ନଗର ବିଜୁ ଜନତା ଦଳ ପକ୍ଷରୁ ବିଜେଡି ନେତା ସ୍ୱର୍ଗତ ଜୟଚନ୍ଦ୍ର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭା ସ୍ଥାନୀୟ ରାସବାଡ଼ ମଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ମହେନ୍ଦ୍ର ସିଂ ଭାଟିଆଙ୍କ ଅଧକ୍ଷତାରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସ୍ୱର୍ଗତ ଜୟଚନ୍ଦ୍ର ସାହୁ ଜଣେ ସେବକ, ଦକ୍ଷ ସଂଗଠକ, ପରୋପକାରୀ, ଦଳର ପ୍ରବୀଣ ରାଜନେତା ଓ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଏହାସହ ନିମାପଡ଼ା ଟାଉନ କ୍ଲବର ସଭାପତି ଅକ୍ଷୟ ବେହେରା, ଉପଦେଷ୍ଟା ପଦ୍ମଚରଣ ସାହୁ, ରାମଚନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ସାହୁ, ବିଜେଡି ନଗର ସମ୍ପାଦକ ସନ୍ତୋଷ ଓଝା, ବ୍ଲକ ସଭାପତି ଅଶୋକ ସାହୁ, ସନ୍ତୋଷ ଦାଶ, ବଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପୁରୀ ସହରରେ ପଶିଲା ବାର୍‌ହା, ୬ ଆହତ

- ୨ ସଫେଇ କର୍ମଚାରୀ ଗୁରୁତର
- କାବୁ ପାଇଁ ଜଗିଛି ବନ ବିଭାଗ ଟିମ୍

**ପୁରୀ ଅଫିସ, ୬।୧୨**

ପୁରୀରେ ରବିବାର ବାର୍‌ହା ଆକ୍ରମଣରେ ୬ଜଣ ଆହତ ହୋଇଛନ୍ତି। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଆହତଙ୍କ ମଧ୍ୟରୁ ୨ଜଣ ମହିଳା ସଫେଇ କର୍ମଚାରୀଙ୍କ ଅବସ୍ଥା ଗୁରୁତର ରହିଛି। ଏମାନେ ହେଲେ ବାଲିସାହି ସାରଦା ସାହି ବସ୍ତିର ଉର୍ମିଳା ନାୟକ ଓ ରୋହିଣୀ ନାୟକ। ସ୍ୱର୍ଗଦ୍ୱାର ଅଞ୍ଚଳରେ ଭାରତ ସେବା ସଂଘ ସ୍କୁଲ ପାଖରେ ଦୁହେଁ କାର୍ଯ୍ୟରତ ଥିବାବେଳେ ଏକ ବାର୍‌ହା ସେମାନଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ଉଭୟଙ୍କୁ ଜଣେ ବୃଦ୍ଧ ବଞ୍ଚାଇବାକୁ ଚେଷ୍ଟା କରି ଆହତ ହୋଇଛନ୍ତି। ଉର୍ମିଳା ଓ ରୋହିଣୀଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣସ୍ଥଳର ଏକ ସିସିଟିଭି ଫୁଟେଜ ଭାଇରାଲ ହୋଇଛି। ବାର୍‌ହା ଦୌଡ଼ୁଥିବା ଏଥିରେ ଦେଖିବାକୁ ମିଳିଛି। ସେହିପରି ପ୍ରାତଃ ଭ୍ରମଣରେ ବାହାରିଥିବା ୪ଜଣ ମଧ୍ୟ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। ଏଥିଯୋଗୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଖବର ପାଇ ବନ ବିଭାଗର ଏକ ଟିମ୍ ପହଞ୍ଚି ବାର୍‌ହାକୁ କାବୁ କରିବା ପାଇଁ ଲାଗିପଡ଼ିଛି। ପୁରୀ ଟାଉନ ଫରେଷ୍ଟର ସ୍ୱପ୍ନେଶ୍ୱର ଜାଲ୍ କହିଛନ୍ତି, ରେଞ୍ଜର ରଜତ୍ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ବଳିଆପଣ୍ଡା, ଲୋକନାଥ ସାହି, ଷ୍ଟର୍ଲିଙ୍ଗ ଆଦି ଅଞ୍ଚଳ ବୁଲିଛନ୍ତି। ବର୍ତ୍ତମାନ ବାଲିସାହି ଜାଗା ଆଖଡ଼ା ଘର ନିକଟସ୍ଥ ଜଙ୍ଗଲରେ ବାର୍‌ହା ଥିବା ସୂଚନା ମିଳିଛି। ହେଲେ ଏ ପର୍ଯ୍ୟନ୍ତ ତାହା ଦେଖା ଦେଇନାହିଁ। ରାତିରେ ଖାଦ୍ୟ ସଂଗ୍ରହ ପାଇଁ ବାହାରିଲେ ତାକୁ ଠାବ କରାଯାଇ ଯନ୍ତା ବସାଯିବ। ତାକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ବ୍ରହ୍ମଗିରି ବ୍ୟତୀତ ପ୍ରଥମ ଥର ଲାଗି ପୁରୀରେ ବାର୍‌ହା ଦେଖିବାକୁ ମିଳିଥିବା ଜାଲ୍ କହିଛନ୍ତି।





ସିସିଟିଭି ଫୁଟେଜ୍‌ରେ ବାର୍‌ହା(ଉପର)। ଗୁରୁତର ଆହତ ଦୁଇ ମହିଳା(ତଳ)।

# ଜମି ଆଳରେ ୭୧ ଲକ୍ଷ ଠକେଇ ମାମଲା: ଜଣେ ଗିରଫ

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ରାଜଧାନରେ ଜମି ଯୋଗାଇ ଦେବାକୁ କହି ୭୧ ଲକ୍ଷ ଟଙ୍କା ଠକେଇ କରିଥିବା ଜଣେ ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ଜିଲା ବଳିଆପଣ୍ଡା ଅଞ୍ଚଳର ଜୟକୃଷ୍ଣ ପଟ୍ଟନାୟକ। ପୋଲିସ ସୂଚନାମୁତାବକ, ପୁରୀର ହୋଟେଲ ବ୍ୟବସାୟୀ ଅମୀୟ ପଟ୍ଟନାୟକ ଭୁବନେଶ୍ୱର ପାତ୍ରପଡା ଅଞ୍ଚଳରେ ହୋଟେଲ ଖୋଲିବା ପାଇଁ ଜାଗା ଖୋଜୁଥିଲେ। ଅଭିଯୁକ୍ତ ଜୟକୃଷ୍ଣ ଓ ତାଙ୍କର ଜଣେ ସହଯୋଗୀ ଉକ୍ତ ଅଞ୍ଚଳରେ ଜମି ଦେବାକୁ କହି ୨୦୧୦ରେ ୭୧ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଜମି ଦେଇ ନ ଥିଲେ। ଅମୀୟ ଟଙ୍କା ଫେରାଇବାକୁ କହିବାରୁ ରାଜନୈତିକ ଚାପ ପକାଇ ଧମକ ଚମକ ଦେଇଥିଲେ। ଏ ନେଇ ୨୦୧୯ରେ ଅମୀୟଙ୍କ ଅଭିଯୋଗକ୍ରମେ ପୋଲିସ ୭୫/୧୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦୁଇ ଅଭିଯୁକ୍ତ ଥାନାକୁ ଆସି ୪୦ ଲକ୍ଷ ଟଙ୍କା ଫେରାଇବା ସହ ବାକି ଟଙ୍କା ପାଇଁ ସମୟ ନେଇଥିଲେ। ମାତ୍ର ସେମାନେ ଆଉ ଧରାଛୁଆଁ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ରବିବାର ପୋଲିସ ରୁପାଲି ଛକ ଅଞ୍ଚଳରୁ ଜୟକୃଷ୍ଣଙ୍କୁ ଗିରଫ କରିଥିଲା।

## ଚୋରି ମାମଲାରେ ୨ ଗିରଫ

**ଡେଲାଙ୍ଗ, ୬।୧୨(ଡି.ଏନ.ଏ)**

ଡେଲାଙ୍ଗ ପୋଲିସ ଏକ ଚୋରି ମାମଲାରେ ୨ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଞ୍ଚବାଟିଆ ଗ୍ରାମର ଚନ୍ଦନ ମଲ୍ଲିକ ଓ ପିପିଲି ଥାନା ଅଧୀନ ବଧି ଥେଣ୍ଟେଣା ଗ୍ରାମର ନୃସିଂହ ମଲ୍ଲିକ। ଦୁଇଦିନ ତଳେ ପାଞ୍ଚବାଟିଆ ଗ୍ରାମର ରବି ଭୋଇଙ୍କ ଘରୁ ଗୋଟିଏ ଲୁନା, ସୁନାମୁଦି, କାନଫୁଲ, ମଙ୍ଗଳସୂତ୍ର ଓ ୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ଏକ ଲୁନା ଓ ୩ହଜାର ଟଙ୍କା ଜବତ ହୋଇଥିବା ଆଇଆଇସି ରଶ୍ମି ରଞ୍ଜନ ପଟ୍ଟନାୟକ କହିଛନ୍ତି।



ପୁରୀ ରାଣୀସତୀ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରବିବାର ବିଶ୍ୱନୟନ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

**ନିମାପଡ଼ା,୬।୧୨(ଡି.ଏନ୍.ଏ.):** ଚାରିଛକ-କାକଟପୁର ରାସ୍ତାର ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନିକଟରେ ରବିବାର ରାତିରେ ଏକ ସାଇକେଲ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲକୁ ପଠାଇଛନ୍ତି। ବାଇକ୍ ଚାଳକଙ୍କ ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଚାରିଛକ ଫାଣ୍ଡି ଅଧୀନ ଉଇଁଚଗୋରଡ଼ି ଗ୍ରାମର ରବି ସାହୁ କାର୍ଯ୍ୟରୁ ଘରକୁ ଫେରୁଥିଲେ। ଅନ୍ୟପଟେ ଚନ୍ଦ୍ରମଉଳି ଗ୍ରାମର ନିର୍ମଳ ପାଢ଼ୀ କାକଟପୁରରୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

# ଅଭିଯୋଗ ସମାଧାନ ପାଇଁ ଖୋଲିବ ୨୪ ଘଣ୍ଟିଆ କଲ୍ ସେଣ୍ଟର

**ପୁରୀ ଅଫିସ, ୬।୧୨**

ପୁରୀ ଜିଲା ପୋଲିସ ମୁଖ୍ୟାଳୟରେ ଖୁବ୍‌ଶୀଘ୍ର ୨୪ଘଣ୍ଟିଆ କଲ୍ ସେଣ୍ଟର ଖୋଲାଯିବ। ଲୋକଙ୍କ ଅଭିଯୋଗ ସିଧାସଳଖ ଯେଭଳି ତୁରନ୍ତ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେଇହେବ ସେଥିଲାଗି ଏଭଳି ଯୋଜନା କରାଯାଇଛି। କଲ ସେଣ୍ଟର ନମ୍ବର ୭୬୫୩୮୯୧୦୩୦ରେ ଲୋକେ ନିଜର ସମସ୍ୟା ଜଣାଇପାରିବେ। ଏହି ନମ୍ବରରେ ଲୋକେ ସିଧାସଳଖ କଲ୍ କରି କଥା ହେବା ସହିତ ହ୍ୱାଟ୍ସ ଆପ୍ ଜରିଆରେ ମଧ୍ୟ ମେସେଜ କରିପାରିବେ। ଯଦି କୌଣସି ବ୍ୟକ୍ତି ନିଜର ସମସ୍ୟା ସମ୍ପର୍କରେ ମେସେଜ କରି ଜଣାନ୍ତି ତେବେ ତୁରନ୍ତ ଏହାକୁ ଗ୍ରହଣ କରି ଅଭିଯୋଗକାରୀଙ୍କ ନିକଟରେ ପୋଲିସ ପହଞ୍ଚିବ। ୨୪ ଘଣ୍ଟାର ବିଭିନ୍ନ ଅଭିଯୋଗ ଉପରେ ଏସ୍‌ପି ନିଜେ ସମୀକ୍ଷା କରିବେ। ଏଥିଲାଗି ଏକ ରିସେପଶନ ସେଣ୍ଟର ଡିପିଓ ପୁରୀରେ ପ୍ରତିଷ୍ଠା କରାଯିବ। ସେଠାରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜଣେ ମହିଳା କର୍ମଚାରୀ ରହିବେ। ଛୁଟି ଦିନଗୁଡ଼ିକରେ ମଧ୍ୟ ଏହା ଚାଲିବ। ଯଦି କୌଣସି ବ୍ୟକ୍ତି ଡିପିଓ ଆସନ୍ତି ତେବେ ସେ ରିସେପଶନ ସେଣ୍ଟର ଯାଇ ନିଜର ଅଭିଯୋଗ ଦାଖଲ କରିପାରିବେ। ସମସ୍ତ ଅଭିଯୋଗ ଏସ୍‌ପି ନିଜେ ତଦାରଖ କରିବେ। ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଏହି ଦାୟିତ୍ୱ ତୁଲାଇବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଅଭିଯୋଗର ତଦନ୍ତ କରାଯିବ। ଏଥିଲାଗି କେତେଜଣ ନୋଡାଲ ଅଫିସର ନିୟୋଜିତ ହେବେ। ଡିଏସ୍‌ପି ଏଚଆର୍‌ପିସି ମନୋବ୍ରତା ଶତପଥୀ ଅଭିଯୋଗ ଶୁଣାଣିର ନୋଡାଲ ଅଫିସର ରହିବେ। ଏଚ୍ଆର୍‌ପିସି ଇନ୍ସପେକ୍ଟରଙ୍କ ଦ୍ୱାରା ସବୁ ଅଭିଯୋଗ ଡିପିଓକୁ ଆସିବା ୫-ଟି କଲ ସେଣ୍ଟର ନମ୍ବର ଜରିଆରେ ଦାଏର କରିବେ। ଡିଏସ୍‌ପି ଏଚ୍ଆରପିସି ଧାର୍ଯ୍ୟ ସମୟ ମଧ୍ୟରେ ସବୁ ଅଭିଯୋଗର ତଦାରଖ କରି ସମାଧାନ ପାଇଁ ପଦକ୍ଷେପ ନେବେ।

# ରାଇଜିଂ ଷ୍ଟାର ଟିମ୍ ଚାମ୍ପିୟନ

**ଷ୍ଟାର୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

**ଖୋର୍ଦ୍ଧା ଅଫିସ, ୬।୧୨**

ସ୍ଥାନୀୟ କୁମାରବସ୍ତ ପଡ଼ିଆରେ ଗତ ୮ଦିନ ଧରି ଚାଲିଥିବା ଷ୍ଟାର୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ମଞ୍ଜେଶ୍ୱର କ୍ଲବକୁ ହରାଇ ଆୟୋଜକ କୁମାରବସ୍ତର ରାଇଜିଂ ଷ୍ଟାର୍ ଟିମ୍ ଚାମ୍ପିୟନ ହୋଇଛି।

ରାଇଜିଂ ଷ୍ଟାର୍ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହି ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ଉଇକେଟ୍ ହରାଇ ୧୭୫ ରନ କରିଥିଲା। ଶୁଭେନ୍ଦୁ ପ୍ରଧାନ ୭୧ ଓ ବସନ୍ତ ସାହୁ ୩୪ ରନ ସଂଗ୍ରହ କରିଥିଲେ। ମଞ୍ଜେଶ୍ୱର କ୍ଲବ ପକ୍ଷରୁ ରଶ୍ମିରଞ୍ଜନ ଦାସ ୩ ଉଇକେଟ୍ ନେଇଥିଲେ। ଜବାବରେ ମଞ୍ଜେଶ୍ୱର ଟିମ୍ ବ୍ୟାଟିଂ କରି ୧୬.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୪ ରନ୍ କରି ମ୍ୟାଚ ହାରିଯାଇଥିଲା। ସୁକାନ୍ତ ଦାସ ୨୬ ଏବଂ ଅଭୟ ମଲ୍ଲିକ ୨୨ ରନ କରିଥିଲେ। କୁମାରବସ୍ତ ଦଳ ପକ୍ଷରୁ ରଣଜୀ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ଓ ମନୋଜ ବାରିକ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ମ୍ୟାଚକୁ ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରୀତିରଞ୍ଜନ ବିଜୟସିଂ ପରିଚାଳନା କରିଥିବାବେଳେ ଅଭିଷେକ ପାଟଶାଣୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା କ୍ରିକେଟ୍ ଆସୋସିଏଶନର ସଭାପତି ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ରାମଚନ୍ଦ୍ର ସାମନ୍ତରାୟ, କ୍ରୀଡ଼ା ସଙ୍ଗଠକ କାଜଲ ବଳିୟାର ସିଂ, କୁମାରବସ୍ତ ଗ୍ରାମ୍ୟ କମିଟି ସଭାପତି ସଞ୍ଜୟ ପାଇକରାୟ ମଞ୍ଚାସୀନ ଥିଲେ। ଚାମ୍ପିୟନ ରାଇଜିଂ ଷ୍ଟାର୍ ଟିମ୍‌କୁ ୩୦ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଏବଂ ମଞ୍ଜେଶ୍ୱର କ୍ଲବକୁ ୨୦ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ରାଇଜିଂ ଷ୍ଟାର୍‌ର ଶୁଭେନ୍ଦୁ ପ୍ରଧାନ ଓ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଭାବେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

## ବିଜେଡିର ସାଙ୍ଗଠନିକ ସମାବେଶ

**ନିମାପଡ଼ା,୬।୧୨(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଚଉଁରପଦା ପଞ୍ଚାୟତର ବିଜୁ ଯୁବ ଜନତା ଦଳର ସାଙ୍ଗଠନିକ ବୈଠକ ନିମାପଡ଼ାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଦୁର୍ନୀତିମୁକ୍ତ ଦେଶ ଓ ରାଜ୍ୟ ଗଠନରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ସମାଜ ପାଇଁ ଯୁବକମାନଙ୍କ ଗୁରୁଦାୟିତ୍ୱ ରହିଥିବାରୁ ବିକାଶ ପଥରେ ସାରଥି ସାଜିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ଅଶୋକ ସାହୁ, ବ୍ଲକର ପୂର୍ବତନ ଅଧକ୍ଷ ପ୍ରଦୀପ୍ତ ଖଟୋଇ, ପଞ୍ଚାୟତ ସଭାପତି ତନ୍ମୟ ସ୍ୱାଇଁ, ସମିତିସଭ୍ୟ ପ୍ରଦୀପ୍ତ ମୁଖି ପ୍ରମୁଖ ଯୋଗଦେଇଥିଲେ। ପରେ ଏହି ପଞ୍ଚାୟତର ବିଜୁ ଯୁବ ଜନତା ଦଳର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତି ଭାବେ ଦିଲୀପ କୁମାର ବାରିକ, ସମ୍ପାଦକ ହିମାଂଶୁ ରାୟ, ଦେବୀ ପ୍ରସାଦ ଜେନା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ସମାବେଶରେ ଭାଟବନ୍ଧ ଓ ଡିହବାରୀ ଗ୍ରାମର ରାମଚନ୍ଦ୍ର ପ୍ରଧାନ, ସବଳ ନାୟକ, ସୁଧୀର ନାୟକ, ରବୀନ୍ଦ୍ର ସାହୁ, ଗୋବିନ୍ଦ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ପ୍ରାୟ ୪୦ଜଣ ଭାଜପା ଓ ସିପିଆଇ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ପ୍ରକଳ୍ପ ସ୍ଥାନ ପରିଦର୍ଶନ କଲେ ଏମ୍‌ପି



**ଜଟଣୀ, ୬।୧୨(ଡି.ଏନ.ଏ)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରବିବାର ଜଟଣୀ ଗସ୍ତରେ ଯାଇ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିବା ସହ ଲୋକଙ୍କ ସମସ୍ୟା ବୁଝିଛନ୍ତି। ସମସ୍ୟା ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେବା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ ଦେଇଛନ୍ତି। ଦୀର୍ଘବର୍ଷ ହେବ ଟାଉନ୍ ଖାସମାଲ୍ ଜମି ନେଇ ସମସ୍ୟା ଲାଗିରହିଛି। ଏ ସଂକ୍ରାନ୍ତରେ ସେ ସରାଫ ଧର୍ମଶାଳା ପରିସରରେ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ନିର୍ମାଣାଧୀନ ଫ୍ଲାଏଓଭର ବ୍ରିଜ ଯୋଗୁ ବିସ୍ଥାପିତ ହେବାକୁ ଥିବା ସୀତାରାମ ଛକ ବ୍ୟବସାୟୀଙ୍କ ସମସ୍ୟା ବୁଝିଥିଲେ। ଏହି ମାର୍କେଟ୍‌କୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଉଠାଦୋକାନୀଙ୍କ ଉଦ୍ଦେଶ୍ୟରେ ଦୀର୍ଘବର୍ଷ ପୂର୍ବେ ସୀତାରାମ ଛକରେ ରେଲୱେ ଦ୍ୱାରା ନିର୍ମିତ ପିଣ୍ଡିଗୁଡ଼ିକ ବ୍ୟବହୃତ ନ ହୋଇ ଅପରିଷ୍କାର ଅବସ୍ଥାରେ ରହିଛି। ରେଲୱେ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଉଚ୍ଛେଦ ହେବାକୁ ଥିବା ଦୋକାନୀଙ୍କୁ ଏଠାରେ ଥଇଥାନ କରିବାକୁ ସମ୍ପୃକ୍ତ ମାର୍କେଟ ସଭାପତି ରମେଶ ଚନ୍ଦ୍ର ମହାପାତ୍ର ଓ ବ୍ୟବସାୟୀମାନେ ଏମ୍‌ପିଙ୍କ ନିକଟରେ ଦାବି କରିଥିଲେ। ଜଟଣୀ କୁଦିଆରୀସ୍ଥିତ ମାଜଣା ପୁଷ୍କରିଣୀର ପୁନରୁଦ୍ଧାର ଉପରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ ଜଣାଇଥିଲେ। ୧୬ ନମ୍ବର ଜାତୀୟ ରାଜପଥ ଯାଁଳା ପଞ୍ଚାୟତର ଓଗାଳପଡ଼ାଠାରେ ଅଣ୍ଡରପାସ୍ ଏବଂ ଏହି ଗ୍ରାମଠାରୁ ଛେଳଦା ଯାଏ କଂକ୍ରିଟ ରୋଡ୍ ନିର୍ମାଣ ପାଇଁ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ। ଉପରୋକ୍ତ ସମସ୍ୟା ଦୂର ଦିଗରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି ଏମ୍‌ପି ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଏମ୍‌ପିଙ୍କ ସହିତ ଭାଜପା ମୁଖପାତ୍ର ସୁଦୀପ୍ତ ରାୟ, ପଦ୍ମଚରଣ ପ୍ରଧାନ, ସରପଞ୍ଚ ପ୍ରଦୋଷ ଜେନା, ବିଶ୍ୱରଞ୍ଜନ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାଧ ରୋକାଯିବା ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୬।୧୨**

ପୁରୀରେ ଅପରାଧକୁ କିଭଳି ରୋକାଯାଇପାରିବ ଏବଂ କେଉଁସବୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହିଛି ଯେଉଁଥିଲାଗି ଲୋକଙ୍କୁ ବିଶେଷ ସମସ୍ୟା ଭୋଗିବାକୁ ପଡୁଛି। କେଉଁଠି କିଭଳି ଅପରାଧ ଘଟୁଛି ଏବଂ ଏହା କି ପ୍ରକାର ରହୁଛି। ଏଥିସହ ପୁରୀର କ'ଣ ମୁଖ୍ୟ ସମସ୍ୟା ରହିଛି ଆଦି ଉପରେ ଏସ୍‌ପି ରବିବାର ଖବରଦାତାମାନଙ୍କ ସହ ଆଲୋଚନା କରିଛନ୍ତି। ଅପରାଧ ରୋକାଯିବା ଉପରେ ଏସ୍‌ପି କନୱର ବିଶାଲ ସିଂ ଗୁରୁତ୍ୱ ଦେଇଛନ୍ତି।

ଏସ୍‌ପି ସିଂ ଏକ ଖବରଦାତା ସମ୍ମିଳନୀ ଡାକି ମୁଖ୍ୟତଃ ପୁରୀର ଅପରାଧ ସମ୍ପର୍କରେ ଆଲୋଚନା କରିଥିଲେ। ଅପରାଧ କିପରି ରୋକାଯାଇପାରିବ ସେ ନେଇ ଖବରଦାତାମାନଙ୍କ ମତାମତ ଲୋଡ଼ିଥିଲେ। ବିଶେଷକରି ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାକୁ ସେମାନେ ମତ ରଖିଥିଲେ। ପୁରୀରେ ଚାଲିଥିବା ଦାଦାବଟି, ଜମି କାରବାର ଏବଂ ବେଆଇନ ବ୍ୟବସାୟ ଉପରେ ଲଗାମ ଲଗାଇବା ଉପରେ ମଧ୍ୟ ମତ ପ୍ରକାଶ ପାଇଥିଲା। ସେହିପରି ଲୋକଙ୍କ ପ୍ରତି ପୋଲିସ ଉତ୍ତମ ବ୍ୟବହାର କରିବା କଥା ବୋଲି କେତେଜଣ ଖବରଦାତା କହିଥିଲେ। ଅଧିକାଂଶ ଥାନାଞ୍ଚଳର ଲୋକେ ପୋଲିସ ବ୍ୟବହାରରେ ଡରିଯାଉଛନ୍ତି। ପୋଲିସ ଲୋକଙ୍କ ସମସ୍ୟା ଶୁଣିବାକୁ ଧୈର୍ଯ୍ୟ ରଖୁନାହିଁ। ଏଥିସହ ଦୀର୍ଘବର୍ଷ ଧରି ଗୋଟିଏ ଜାଗାରେ ଚାକିରି କରିଥିବା ପୋଲିସ କର୍ମଚାରୀଙ୍କ ବଦଳି ପ୍ରତି ଧ୍ୟାନ ଦେବାକୁ ସମସ୍ତେ କହିଥିଲେ। ଏସ୍‌ପି ସମସ୍ତଙ୍କ ମତାମତ ଶୁଣିବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜରିପାଲ ତଳେ ବିତୁଛି ବୃଦ୍ଧାଙ୍କ ଜୀବନ

**ସରକାରୀ ଯୋଜନା ପାଲଟିଛି ସାତସପନ**

**କାକଟପୁର,୬।୧୨(ଡି.ଏନ୍.ଏ.)**

ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେଉଛନ୍ତି। କିନ୍ତୁ ସେହି ଯୋଜନା ପ୍ରାୟ ସମୟରେ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି କାକଟପୁର ବ୍ଲକ ଓଥକା ପଞ୍ଚାୟତ ଅନ୍ତର୍ଗତ ଚନପୁର ଗ୍ରାମର ୭୦ ବର୍ଷୀୟ ବତାସୀ କାଣ୍ଡୀଙ୍କ କ୍ଷେତ୍ରରେ। ସ୍ୱାମୀ ଓ ପିଲାଛୁଆ ନ ଥିବାବେଳେ ଏକାକି ଅସହାୟ ଅବସ୍ଥାରେ ଏକ ଜରିପାଲ ତଳେ ହିଁ ସେ ଜୀବନ କାଟୁଛନ୍ତି। ବୟସ ହୋଇଯାଇଥିବାରୁ ପେଟକୁ ଦିଓଳି ଦିମୁଠା ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହୋଇପଡୁଛି। ସରକାରଙ୍କ ଏତେ ଯୋଜନା ଥାଇ ମଧ୍ୟ ତାଙ୍କୁ କୌଣସି ଗୋଟିଏରେ ମଧ୍ୟ ନାଁ ନାହିଁ। ପକ୍କା ଘର ଯେମିତି ବତାସୀ ମାଉସୀ ପାଇଁ ସାତ ସପନ ପାଲଟିଛି। ଘର ଖଣ୍ଡିଏ ପାଇଁ ବତାସୀ ମାଉସୀ ସ୍ଥାନୀୟ ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ନେହୁରା ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନୀରବ ସାଜିଛି। ଫନୀ ସମୟରେ ବତାସୀଙ୍କ ଘର ଭାଙ୍ଗି ଯାଇଥିଲା। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ପକ୍କାଘର, ବିଭିନ୍ନ ସହାୟତା ମିଳିଥିଲେ ମଧ୍ୟ ବତାସୀ ମାଉସୀ ସେଥିରୁ ବଞ୍ଚିତ ହୋଇଥିଲେ। ବାରମ୍ବାର ଅଭିଯୋଗସତ୍ତ୍ୱେ କେବଳ ଆଶ୍ୱସନା ମିଳୁଥିଲେ ମଧ୍ୟ ସହାୟତା ମିଳିପାରୁନି। ଏପରି କି ତାଙ୍କ ପାଖରେ ରାଶନ କାର୍ଡ, ଭତ୍ତା ମଧ୍ୟ ନ ଥିବାରୁ ବେଳେବେଳେ ଓପାସରେ ହିଁ ଦିନ କାଟୁଛନ୍ତି। ବ୍ଲକ ପ୍ରଶାସନର ଏଭଳି ଆନ୍ତରିକତା ଅଭାବ ଯୋଗୁ ସାଧାରଣରେ ଜନଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଓଥକା ସରପଞ୍ଚ ଯୁଗଳକିଶୋର ରାଉତଙ୍କୁ ପଚାରିବାରୁ ମତାମତ ଦେବା ପାଇଁ ଏହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

